# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**29 April – 2025**

**News Editor : Itishree Singh Rathaur**

*************************************

## <u>ମୁଖ୍ୟ ସମ୍ବାଦ</u>

- ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ
- ଛାତ୍ରଛାତ୍ରୀମାନଙ୍କୁ ଖେଳ ଓ ମନୋରଞ୍ଜନ ମାଧ୍ୟମରେ ଶିକ୍ଷା ଦେବାଲାଗି ରାଜ୍ୟର ୪୫ ହଜାର ପ୍ରାଥମିକ ବିଦ୍ୟାଳୟକୁ ଦିଆଯିବ ଯାଦୁପେଡି
- ଆସନ୍ତାବର୍ଷ ସୁଦ୍ଧା ରାଜ୍ୟକୁ ମିଳିମିଳା ଓ ରୁବେଲାମୁକ୍ତ କରିବା ପାଇଁ ସରକାର ନେଉଛନ୍ତି ପଦକ୍ଷେପ, କହିଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଏବଂ

- ପୁରୀରେ ଅକ୍ଷୟତୃତୀୟା ଅବସରରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ରଥନିର୍ମାଣ କାର୍ଯ୍ୟ ଅନୁକୂଳ

## ଉଚ୍ଚସ୍ତରୀୟ ବୈଠକ

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ବୈଠକରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ, ଚିଫ୍ ଅଫ୍ ଡିଫେନ୍ସ୍ ଷ୍ଟାଫ୍ ଅନୀଲ ଚୌହାନ୍‌ଙ୍କ ସମେତ ୩ ସେନାର ମୁଖ୍ୟ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଏହାପୂର୍ବରୁ ଗୃହ ମନ୍ତ୍ରଣାଳୟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି।

## ଯାଦୁପେଡି

ଖେଳ ଓ ମନୋରଞ୍ଜନ ମାଧ୍ୟମରେ ପିଲାମାନଙ୍କୁ ପାଠ ପ୍ରତି ଆକୃଷ୍ଟ କରିବା ପାଇଁ ଶିଶୁବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଯାଦୁପେଡି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଶିଶୁବାଟିକା ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଯାଦୁପେଡି ମୁଖ୍ୟମନ୍ତ୍ରୀ ଦେଖିଥିଲେ। ଯାଦୁପେଡିରେ ଥିବା ଖେଳନା ଦ୍ୱାରା ଛୋଟଛୋଟ ପିଲାମାନେ ନିଜ ପାରିପାର୍ଶ୍ୱିକ ଅଂଚଳରେ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଏହାର ଉପଯୋଗିତା ବିଷୟରେ ଶିଖିପାରିବେ। ଏହି ଯାଦୁପେଡିର ଖେଳନାଗୁଡ଼ିକ ସେମାନଙ୍କୁ ପାଠପ୍ରତି ମଧ୍ୟ ଆକର୍ଷିତ କରିବ। ପ୍ରାୟ ୯୦ କୋଟି ଟଙ୍କା ବ୍ୟୟରେ ପ୍ରସ୍ତୁତ ଏହି ଯାଦୁପେଡି ରାଜ୍ୟର ୪୫ ହଜାର ସ୍କୁଲରେ ବଣ୍ଟନ କରାଯିବ। ନୂତନ

ଶିକ୍ଷାନୀତି-୨୦୨୦ ଅନୁଯାୟୀ ଛୋଟଛୋଟ ପିଲାମାନଙ୍କ ପାଇଁ ଏହି ଯାଦୁପେଡ଼ିର ପରିକଳ୍ପନା କରାଯାଇଛି ।

## ଜନସ୍ୱାସ୍ଥ୍ୟ ସମୀକ୍ଷା

ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡକ୍ଟର ନୀଳକଣ୍ଠ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଭୁବନେଶ୍ୱର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରେ ଆୟୋଜିତ ବୈଠକରେ ଗ୍ରୀଷ୍ମପ୍ରବାହ ସମୟରେ ଜନଜୀବନର ସୁରକ୍ଷା ପାଇଁ ତ୍ୱରିତ ପଦକ୍ଷେପ, ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ସ୍ୱାସ୍ଥ୍ୟସାମଗ୍ରୀର ସଂରକ୍ଷଣ ତଥା ଅନ୍ୟାନ୍ୟ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ନେଇ ଆଲୋଚନା ହୋଇଛି । ବୈଠକରେ ଡକ୍ଟର ମିଶ୍ର ଅଂଶୁଘାତ ପୀଡିତଙ୍କ ପାଇଁ ପର୍ଯ୍ୟାପ୍ତ ଶଯ୍ୟା ପ୍ରସ୍ତୁତ କରିବା ତଥା ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରିବା ଲାଗି ସମସ୍ତ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ଏହାର ପ୍ରସ୍ତୁତି ନେଇ ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଛି । ଏହାସହ ବ୍ୟାପକ ସଚେତନତା ସୃଷ୍ଟି ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି ।

## ମନ୍ତ୍ରୀଙ୍କ ତାଗିଦ୍

ଅପରପକ୍ଷରେ, ଗ୍ରୀଷ୍ମଛୁଟିରେ ନିୟମ ଉଲ୍ଲଙ୍ଘନ କରି ଘରୋଇ ଶିକ୍ଷାନୁଷ୍ଠାନ ଖୋଲୁଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ।

**-V/O-***(Nityananada Ganda)*

ଗ୍ରୀଷ୍ମ ପ୍ରକୋପ ବୃଦ୍ଧି ପାଇବା ଯୋଗୁଁ ପିଲାଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ରାଜ୍ୟ ସରକାର ଗତ ୨୬ ତାରିଖଠାରୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ତେବେ କେତେକ ଘରୋଇ ଶିକ୍ଷାନୁଷ୍ଠାନ ଖୋଲା ଯାଉଥିବା ଅଭିଯୋଗ ଆସିବା ପରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଏହା କହିଛନ୍ତି।

## ଶିଳ୍ପମନ୍ତ୍ରୀ-ବୋଷ୍

ରାଜ୍ୟ ଓ ଦେଶର ଯୁବପିଢ଼ି ଦକ୍ଷ ହେଲେ ବିକଶିତ ଓଡିଶା ଏବଂ ବିକଶିତ ଭାରତ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ଶିଳ୍ପ,ଦକ୍ଷତାବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। କଟକସ୍ଥିତ ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟ-ବୋଷ୍‌ରେ ଛାତ୍ରଛାତ୍ରୀମାନଙ୍କ ସହ ମତ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇ ବୈଷୟିକ ଶିକ୍ଷା କ୍ଷେତ୍ରରେ ଛାତ୍ରୀମାନଙ୍କ ସଂଖ୍ୟା ଅଧିକ କରିବାକୁ ସରକାର ସୁଦକ୍ଷତା ଯୋଜନା ଆରମ୍ଭ କରିଥିବା କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଅନୁଯାୟୀ, ଛାତ୍ରଛାତ୍ରୀମାନେ ଚାକିରି ଖୋଜିବା ପରିବର୍ତ୍ତେ ନିଯୁକ୍ତିଦାତା ହେବାପାଇଁ ଚେଷ୍ଟା କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବୋଷ୍‌ର ନୂତନ ଅଧ୍ୟାପନା ଭବନ ଓ ନୂତନ ଛାତ୍ରୀନିବାସର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ଯାନ୍ତ୍ରିକ ବିଦ୍ୟାଳୟର ମେକାଟ୍ରୋନିକ ଲାବୋରାଟୋରୀକୁ ଉଦ୍‌ଘାଟନ କରିଥିଲେ।

## ମିଳିମିଳା

ରାଜ୍ୟ ସରକାର ୨୦୨୬ ମସିହା ସୁଦ୍ଧା ମିଳିମିଳା ଓ ରୁବେଲା ମୁକ୍ତ ଓଡ଼ିଶା ଗଠନ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ରାଜ୍ୟରେ ମିଳିମିଳା ଏବଂ ରୁବେଲା ନିରାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଏକ ବିସ୍ତୃତ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ସାମଗ୍ରୀର ଉନ୍ମୋଚନ କରି ଶ୍ରୀ ମହାଲିଙ୍ଗ କହିଛନ୍ତି, ରାଜ୍ୟରେ ୯୦ ଦଶମିକ ୫ ପ୍ରତିଶତ ଟିକାକରଣ ସହିତ ଓଡ଼ିଶା ଦେଶରେ ଶୀର୍ଷ ସ୍ଥାନ ହାସଲ କରିଛି। ଏହି ମାଇଲଖୁଣ୍ଟ ସ୍ୱାସ୍ଥ୍ୟକର୍ମୀଙ୍କ ସମର୍ପିତ ମନୋଭାବ, ଗୋଷ୍ଠୀ ସମର୍ଥନ ଏବଂ ଉପଯୁକ୍ତ ଅନ୍ତବିଭାଗୀୟ ସମନ୍ୱୟର ପ୍ରମାଣ ଦେଉଛି। ଟିକାକରଣ ସଚେତନତାକୁ ତୃଣମୂଳସ୍ତରରେ ଏକ ଆନ୍ଦୋଳନରେ ପରିଣତ କରିବା ପାଇଁ ଅଭିଭାବକ, ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ସ୍ୱାସ୍ଥ୍ୟକର୍ମୀ, ପଂଚାୟତିରାଜ ଅନୁଷ୍ଠାନର ସଦସ୍ୟ, ସ୍ୱେଚ୍ଛାସେବୀ ସଂଗଠନ, ସ୍ୱୟଂସହାୟକ ଗୋଷ୍ଠୀ ଏବଂ ସଚେତନ ନାଗରିକ ସମାଜକୁ ସ୍ୱାସ୍ଥ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ସୂଚନା ଅନୁସାରେ, ଏପ୍ରିଲ ୨୪ ରୁ ୩୦ ତାରିଖ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ବିଶ୍ୱ ଟିକାକରଣ ସପ୍ତାହ ୨୦୨୫ ପାଳନ କରାଯାଉଛି।

## ଖଣି ମନ୍ତ୍ରୀ-ରାୟଗଡ଼ା ଗସ୍ତ

ରାଜ୍ୟ ଖଣି, ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଦିନିକିଆ ରାୟଗଡ଼ା ଗସ୍ତ କରି ଉପାନ୍ତଚନ୍ଦ୍ରପୁର ବ୍ଲକ୍ ଅନ୍ତର୍ଗତ ମୀନାଝୋଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ସେଠାରେ ଥିବା ଜନକଲ୍ୟାଣକାରୀ ଆଶ୍ରମ

ପରିସରରେ ନୂତନ ଭାବେ ଆଇ.ଟି.ଡି.ଏ ତରଫରୁ ନିର୍ମିତ ଜନକଲ୍ୟାଣ ଗୁରୁକୁଳର ଶ୍ରେଣୀଗୃହ ଓ ଭୋଜନାଳୟର ଉଦ୍‌ଘାଟନ କରିଛନ୍ତି। ଆଶ୍ରମ ତରଫରୁ ପ୍ରକାଶ ପାଉଥିବା ତୈମାସିକ ପତ୍ରିକାର ମଧ୍ୟ ସେ ଶୁଭ ଉନ୍ମୋଚନ କରିଛନ୍ତି।

## ଜନଜାତୀୟ ଗ୍ରାମସଭା

ପ୍ରଧାନମନ୍ତ୍ରୀ ଧରିତ୍ରୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ସମ୍ପର୍କିତ ଗ୍ରାମସଭା ଆଜି ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ବ୍ରହ୍ମପୁରା ଗ୍ରାମରେ ଅନୁଷ୍ଠିତ ହୋଇଛି। ଗ୍ରାମ ଉତ୍କର୍ଷ ଅଭିଯାନ ଯୋଜନାରେ ଖୋର୍ଦ୍ଧା ବ୍ଲକ୍‌ର ୩ଟି ଗ୍ରାମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୨୫ଟି ସରକାରୀ ଯୋଜନା ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଏହି ଯୋଜନାରେ ଦେଶର ୬୩ ହଜାର ଗ୍ରାମରେ ପ୍ରାୟ ୮୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବା ପାଇଁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସରକାରଙ୍କ ୧୭ଟି ବିଭାଗ ତଦାରଖ କରିବେ।

## ଧାନ ସଂଗ୍ରହ ବୈଠକ

**ରାୟଗଡ଼ା**ରେ ଜିଲ୍ଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ନେତୃତ୍ୱାଧୀନ ସଂଗ୍ରହ କମିଟି ନିଷ୍ପତ୍ତି ଅନୁଯାୟୀ ଆସନ୍ତାମାସ ୨୦ ତାରିଖରୁ ଜିଲ୍ଲାର ୧୦ଟି ବ୍ଲକ୍ ଓ ୨୮ ତାରିଖରେ ଗୁଣୁପୁର ବ୍ଲକ୍‌ରେ ରବି ଧାନ ମଣ୍ଡି ଖୋଲିବ। ଚଳିତ ରବି

ଋତୁରେ ୫୦୩ ଜଣ ପଞ୍ଜୀକୃତ ଚାଷୀଙ୍କଠାରୁ ୮ ହଜାର ୮୯୦ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ସ୍ମାରକପତ୍ର

**ନୂଆପଡା** ଜିଲ୍ଲା ଇପିଏଫ୍ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ବୃଦ୍ଧି, ମହଙ୍ଗା ଭତ୍ତା ପ୍ରଦାନ, ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ପେନସନ୍  ସାଙ୍ଗକୁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ ଆଦି ଦାବି ସମ୍ପର୍କରେ ଉଲ୍ଲେଖ କରାଯାଇଛି।

## ଶ୍ରାଦ୍ଧ ଦିବସ

**ସୁବର୍ଣ୍ଣପୁର**ର ମହାରାଜା ବୀରମିତ୍ରୋଦୟ ସିଂହଦେଓଙ୍କ ୮୮ତମ ଶ୍ରାଦ୍ଧଦିବସ ଆଜି ସୁବର୍ଣ୍ଣପୁରଠାରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷାର ସମୃଦ୍ଧି ସହ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଶିକ୍ଷା, ସଂସ୍କୃତି ଓ ସମାଜ କଲ୍ୟାଣ କାର୍ଯ୍ୟରେ ମହାରାଜଙ୍କ ଅବଦାନର ଆଜି ସ୍ମୃତିଚାରଣ କରାଯାଇଛି।

## ରଥନିର୍ମାଣ କାର୍ଯ୍ୟ

ଅକ୍ଷୟତୃତୀୟା ଅବସରରେ ଆସନ୍ତାକାଲିଠାରୁ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ରଥନିର୍ମାଣ କାର୍ଯ୍ୟ ଅନୁକୂଳ ହେବ। ଏଥିସହ ୨୧ ଦିନ ବ୍ୟାପୀ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅକ୍ଷୟତୃତୀୟା ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଛି। ଏହି

ଅବସରରେ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଚାର୍ ଧାମ୍ ଯାତ୍ରା

ପବିତ୍ର ଅକ୍ଷୟତୃତୀୟା ଅବସରରେ ଆସନ୍ତାକାଲିଠାରୁ ଉତ୍ତରାଖଣ୍ଡର ଚାରିଧାମ ଯାତ୍ରା ଆରମ୍ଭ ହେବ । ଆସନ୍ତା ୨ ତାରିଖରେ ଶ୍ରଦ୍ଧାଳୁ କେଦାରନାଥ ଧାମକୁ ଦର୍ଶନ ପାଇଁ ଯାଇ ପାରିବେ । ଏଥିପାଇଁ ଗତକାଲି ଠାରୁ ପଞ୍ଜିକରଣ ଆରମ୍ଭ ହୋଇସାରିଛି । ଦିବ୍ୟାଙ୍ଗ, ବରିଷ୍ଠ ଏବଂ ବିଦେଶୀ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯାଇଛି । ଏପରିକି ୨୦ଟି ନିଶୁଳ୍କ ରେଜିଷ୍ଟ୍ରେସନ୍ କାଉଣ୍ଟର ମଧ୍ୟ କାର୍ଯ୍ୟକାରୀ କରାଯାଇଛି । ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶ୍ରଦ୍ଧାଳୁ ଏହି ଚାରି ଧାମ ଗସ୍ତ ଅବସରରେ ଜମୁନୋତ୍ରୀ, ଗଙ୍ଗୋତ୍ରୀ, କେଦାରନାଥ ଓ ବଦ୍ରିନାଥ ସ୍ଥଳକୁ ପରିଦର୍ଶନରେ ଯାଇପାରିବେ ।

## ଅନ୍ତର୍ଜାତୀୟ ନୃତ୍ୟ ଦିବସ

ନୃତ୍ୟ ହେଉଛି କଳାର ସୃଜନଶୀଳ ରୂପ, ଯାହା ମନୁଷ୍ୟର ଆଭ୍ୟନ୍ତରୀଣ ଶକ୍ତିକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ । ଏହି ବାର୍ତ୍ତା ନେଇ ଆଜି ବିଶ୍ୱରେ ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳନ କରାଯାଉଛି । ପ୍ରତିବର୍ଷ ଏପ୍ରିଲ ମାସ ୨୯ତାରିଖରେ ପ୍ରସିଦ୍ଧ ନୃତ୍ୟଶିଳ୍ପୀ ଜିନ୍-ଜର୍ଜେସ୍ ନୋଭେରଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଉଛି । ୧୯୮୨

ମସିହାରେ ଇଣ୍ଟରନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ୍‌ର ନୃତ୍ୟ କମିଟି ଦ୍ୱାରା ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ପ୍ରତିବର୍ଷ ଅନ୍ତର୍ଜାତୀୟ ନୃତ୍ୟ କମିଟି ଦ୍ୱାରା ଜଣେ ନୃତ୍ୟଗୁରୁ କିମ୍ବା ନୃତ୍ୟ ଶିଳ୍ପୀଙ୍କୁ ଚୟନ କରାଯାଇଥାଏ । ସେମାନେ ବିଶ୍ୱବାସୀଙ୍କ ପାଇଁ ପ୍ରେରଣାତ୍ମକ ବାର୍ତ୍ତା ଦେଇଥାଆନ୍ତି, ସେହି ବାର୍ତ୍ତାକୁ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ବିଶ୍ୱସ୍ତରରେ ପ୍ରସାର କରାଯାଇଥାଏ ।

## ପାଣିପାଗ

ରାଜ୍ୟର ଅଧିକାଂଶ ଜିଲ୍ଲାରେ କାଳବୈଶାଖୀ ବର୍ଷା ଯୋଗୁଁ ପ୍ରବଳ ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି । ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ଅନେକ ସ୍ଥାନରେ କାଳବୈଶାଖୀ ବର୍ଷା ଏବଂ ବଜ୍ରପାତ ସମ୍ଭାବନା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଂଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡା ଜିଲ୍ଲାରେ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ୨୧ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

******************************